# ବିଶିଷ୍ଟ ବ୍ୟକ୍ତିଙ୍କ ଗହଣରେ ......



ମଞ୍ଚାସୀନ ଅତିଥିବୃନ୍ଦ



ପ୍ରଖ୍ୟାତ ଗଣିତ ପ୍ରଫେସର, ସ୍ୱାଧୀନ ପଟ୍ଟନାୟକ -
“ଗଣିତ ଗୋଟେ ଖେଳ”



ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଧାବିକା, ପ୍ରଣତୀ ମିଶ୍ର -
“ନିଷ୍ଠା ଓ ଆଗ୍ରହ ଥିଲେ ଦୌଡ ପ୍ରତିଯୋଗିତା ଜିତିବା ସହଜ”



ବିଶିଷ୍ଟ ଶିଶୁ ସାହିତ୍ୟିକ, ଦାଶ ବେନ୍‌ହୁର୍ -
“ପ୍ରତିଟି ଶିଶୁ କୌଣସି ନା କୌଣସି କଳାର ଅଧିକାରୀ”



ପ୍ରଖ୍ୟାତ ଅଭିନେତ୍ରୀ, ଅପରାଜିତା ମହାନ୍ତି -
“ଅଭିନୟ, ମୋ ପାଇଁ ସେଇ ପିଲାଟି ଦିନୁ ସାଙ୍ଗରେ ଅଛି”



ସୁଖ୍ୟାତ ଅଭିନେତା, ମିହିର ଦାସ - “ଅଭିନୟ ଏକ
ସେତୁବନ୍ଧ, ଜଣକୁ ଯଶ ସହିତ ଯୋଡେ”



ପ୍ରଥମ ଓଡ଼ିଆ ଟେଷ୍ଟ କ୍ରିକେଟ ଖେଳାଳୀ, ଦେବାଶିଷ ମହାନ୍ତି - "କ୍ରିକେଟ୍ ବି ପିଲାଖେଳ, ମୁଁ ଛୋଟବେଳୁ ତା' ପ୍ରତି ଆକର୍ଷିତ"



ଖ୍ୟାତି ସମ୍ପନ୍ନ ବାଲୁକା ଶିଳ୍ପୀ, ସୁଦର୍ଶନ ପଟ୍ଟନାୟକ - "ଛୋଟ ବେଳେ ପୁରୀ ସମୁଦ୍ର ବାଲିରେ ମୁଁ ବାଲୁକା ଶିଳ୍ପ ଆରମ୍ଭ କରିଥିଲି"



ରତ୍ନାକର ରେଡ୍ଡୀ, କୋରିଓଗ୍ରାଫର



ଭାଲିନା ଭାଲେଣ୍ଟିନା -
ସାମରିକ କ୍ରୀଡ଼ା (କରାଟେ) ନିପୁଣା



ସଙ୍ଗୀତ ତାରକା, ବର୍ଣ୍ଣାଳୀ ହୋତା - ଗୀତ ଗାଉ ଗାଉ



ସବୁ ପିଲାଙ୍କ ତରଫରୁ ଧନ୍ୟବାଦ

# ସୃଷ୍ଟି ସୌରଭ

ମନର ଭାବନାକୁ ମୁହଁ ତଥା ଅନ୍ୟାନ୍ୟ ଅଙ୍ଗ ପ୍ରତ୍ୟଙ୍ଗ ଯେମିତି ପ୍ରକାଶ କରି ପାରନ୍ତି, ଅକ୍ଷର ମଧ୍ୟ ସେମିତି ପ୍ରକାଶ କରେ । ଏଇ ପ୍ରକାଶ କରିବାର କୁଶଳତା ଓ ରସାଳତା ହିଁ ଅକ୍ଷର ଓ ଶବ୍ଦକୁ ସାହିତ୍ୟରେ ପରିଣତ କରିଥାଏ । ସାହିତ୍ୟ ସୃଷ୍ଟି ଏକ ଅନନ୍ୟ କଳାସୃଷ୍ଟି । କୁହାଯାଏ ଯେ ସଂସାରରେ ଯେତେ କୀର୍ତ୍ତି ଅଛି ତା’ ଭିତରେ ଅକ୍ଷର-କୀର୍ତ୍ତି ସବୁଠାରୁ ମୂଲ୍ୟବାନ ଓ ଚିରନ୍ତନ । ଅତଏବ ଅକ୍ଷର ଓ ଶବ୍ଦର ସୃଷ୍ଟି ସୌରଭ ଅତ୍ୟନ୍ତ ମହନୀୟ......

*ଏଥିରେ ଛାତ୍ରଛାତ୍ରୀମାନେ ନିଜ ଇଚ୍ଛା ମୁତାବକ ଯେ କୌଣସି ରଚନାତ୍ମକ କଥା ଲେଖିବାଠାରୁ ଆରମ୍ଭ କରି ନିର୍ଦ୍ଦିଷ୍ଟ ବିଷୟରେ, ଛବିକୁ ନେଇ, କଳ୍ପନାକୁ ବିସ୍ତାରିତ କରି ପୁଣି ମିଳିତ ଭାବେ ଅନେକ ଲେଖା ପ୍ରସ୍ତୁତ କରିଥିଲେ ।*

# ମୁକ୍ତ ଲିଖନ

(ନିଜ ମନରୁ ଯେ କୌଣସି ବିଷୟରେ ଲେଖିବାର ପ୍ରୟାସ)

## ବୃକ୍ଷରୋପଣ

ଚାଲରେ ଚାଲ ଭଉଣୀ ଭାଇ
ବୃକ୍ଷରୋପଣ କରିବା ପାଇଁ ।
ଭାଇଭଉଣୀ ସଭିଏଁ ଶୁଣ
ବୃକ୍ଷର ଅଛି ଅନେକ ଗୁଣ ।
ବୃକ୍ଷ ବଢ଼ିଲେ ଫଳିବ ଫଳ
ଦେବ ସେ ପୁଣି ଛାଇ ଶୀତଳ ।
ଜଗତ ହେବ ଶସ୍ୟ ଶ୍ୟାମଳ
ଖାଇବା ଆମେ ହେବା ସବଳ ।
ବୃକ୍ଷ ନାହିଁ ତ ବରଷା ନାହିଁ
ବରଷା ଗଲେ ଫସଲ ନାହିଁ ।
ଫସଲ ଗଲେ ଜୀବନ ନାହିଁ
ଭାଉଭଉଣୀ ଆସରେ ଧାଇଁ ।
ବୃକ୍ଷ ରୋପଣ କରିବା ଆସ
ନ ହେଲେ ସୃଷ୍ଟି ହୋଇବ ନାଶ ।

**ମଙ୍ଗଳ ଚରଣ ସିଂହ**
ଦଶମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ, ଶରତ, ମୟୂରଭଞ୍ଜ



# ମହାପ୍ରଭୁ ଜଗନ୍ନାଥ



ପ୍ରଥମେ ତୁମକୁ ଦେଖିଲି ଯେବେ ମୁଁ
ମନ ହୋଇଗଲା ଚୋରି,
ଆଖିରେ ଆଖିରେ କି ଇସାରା ଦେଲ
ଆହେ ପ୍ରଭୁ ଚକ୍ରଧାରୀ ।
ଶୋଇ ପାରୁ ନାହିଁ ବସି ପାରୁନାହିଁ
ତୁମ କଥା ଝୁରି ଝୁରି,
ଗଣୁ ଅଛି ଦିନ ହେ ଚକାନୟନ
କେଉଁ ଦିନ ଯିବି ପୁରୀ ।
କାଠର ଦେବତା ଭାବିଥିଲି ସିନା
ତୁମେ ତ ସୁନା କଣ୍ଢେଇ
ହୃଦୟ ମୋହର ଶିହରି ଉଠିଲା
ଧରିଲି ଯାଇ କୁଣ୍ଢେଇ ।

ସୁଦାମା ସାଙ୍ଗରେ ମିତ ବସି ତୁମେ
ଲବଣୀ କରିଲ ଚୋରି
ମୋ ସାଙ୍ଗରେ ମିତ ବସିଲେ କାଳିଆ
ଖୁଆଇବି ନିତି କ୍ଷୀରୀ ।
ବାଲିର ଦେଉଳ ତୋଳି ଦେବି ମୁହିଁ
ତୋଳି ଦେବି ନଟପୁରୀ,
ଦେବଦାସୀ ହୋଇ ନାଚିବି ମୁଁ ନିତି
ଭୁଲିଯିବ ତୁମେ ପୁରୀ ।
ହେ କଳା ମୋହନ ଶୁଣ ମୋ ଜଣାଣ
ମୋ ଦେଉଳେ ଯାଅ ବସି,
ନ ବସିଲେ ଆଜି କହୁଛି ମୁଁ ସତ
ରହିବି ନିରବେ ରୁଷି ।

**ରାଜେନ୍ଦ୍ର ନାଥ ମୁର୍ମୁ**
ଦଶମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ, ଶରତ, ମୟୂରଭଞ୍ଜ